# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 22 May - 2025

**********************************

## ମୁଖ୍ୟ ସମ୍ବାଦ

- ଅପରେସନ ସିନ୍ଦୂର ଜରିଆରେ ଭାରତ ଆତଙ୍କବାଦୀ ଶିବିରଗୁଡ଼ିକୁ ଧ୍ୱଂସ କରି ପାକିସ୍ତାନକୁ ଉଚିତ୍ ଜବାବ ଦେଇଛି କହିଲେ ପ୍ରଧାନମନ୍ତ୍ରୀ

- ଯାଜପୁରର କଳିଙ୍ଗ ନଗରଠାରେ ୧ ଲକ୍ଷ ୧୫ ହଜାର କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

- ‘ନିରନ୍ତର ବିକାଶ ଲକ୍ଷ୍ୟ ପାଇଁ ପ୍ରକୃତି ସହ ସମନ୍ୱୟ ବଜାୟ ରଖିବା’ ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ଆନ୍ତର୍ଜାତୀୟ ଜୈବବିବିଧତା ଦିବସ

ଏବଂ

- ରାଜ୍ୟର ୨୬ଟି ଜିଲ୍ଲାରେ କାଳବୈଶାଖୀ ଜନିତ ବର୍ଷା ହେବା ନେଇ ସତର୍କ ସୂଚନା ଜାରିକଲା ପାଣିପାଗ କେନ୍ଦ୍ର ।

# ପ୍ରଧାନମନ୍ତ୍ରୀ- ଅମୃତ ଭାରତ ଷ୍ଟେସନ୍

ଅପରେସନ ସିନ୍ଦୂର ଜରିଆରେ ଭାରତ ଆତଙ୍କବାଦୀ ଶିବିରଗୁଡ଼ିକୁ ଧ୍ବଂସ କରି ପାକିସ୍ତାନକୁ ଉଚିତ୍ ଜବାବ ଦେଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ରାଜସ୍ଥାନର ବିକାନେରରୁ ଆଭାସୀ ମାଧ୍ୟମରେ ଆଜି ପ୍ରଧାନମନ୍ତ୍ରୀ ୧୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଅନ୍ତର୍ଗତ ୮୬ଟି ଜିଲ୍ଲାରେ ୧୦୩ଟି ଅମୃତ ଷ୍ଟେସନର ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ତିନି ସେନାଙ୍କ ସମନ୍ୱୟରେ ଭାରତ' ପାକିସ୍ତାନକୁ ପରାସ୍ତ କରିବାରେ ସକ୍ଷମ ହୋଇଛି । ଭାରତ ପ୍ରତ୍ୟେକ ଆତଙ୍କବାଦୀ ଆକ୍ରମଣର ଉଚିତ୍ ଜବାବ ଦେବ ବୋଲି ପ୍ରଧାନମନ୍ତ୍ରୀ ସ୍ୱଷ୍ଟ କରିଛନ୍ତି ।

**- V/O -**

କାର୍ଯ୍ୟକ୍ରମରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଦେଶରେ ଗତ ୧୧ ବର୍ଷ ମଧ୍ୟରେ ୩୪ହଜାର ନୂତନ ରେଳଲାଇନ୍ ନିର୍ମାଣ କରାଯାଇଛି । ଆସନ୍ତା ୨୦୨୭ ମସିହା ସୁଦ୍ଧା ୫୦୦ ରେଳଷ୍ଟେସନକୁ ପୁର୍ନବିକଶିତ କରାଯିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

ଅମୃତ ଭାରତ ଷ୍ଟେସନ ଗୁଡ଼ିକର ପୁର୍ନବିକାଶ ପାଇଁ ୧ହଜାର ୧୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ଯାତ୍ରୀମାନଙ୍କୁ ସୁଖଦ ଯାତ୍ରା ଅନୁଭୂତି ଦେବାଲାଗି ନୂତନଭାବେ ନିର୍ମିତ ଓ ବିକଶିତ ଅମୃତ ଷ୍ଟେସନ୍‌ଗୁଡ଼ିକରେ ସ୍ୱତନ୍ତ୍ର ସୁବିଧା ରହିଛି ।

## ପ୍ରତିନିଧି ମଣ୍ଡଳୀ ବିଦେଶ ଗସ୍ତ

ବିଶ୍ୱ ସମୁଦାୟକୁ ଆତଙ୍କବାଦ ବିରୁଦ୍ଧରେ ଭାରତର ଆଭିମୁଖ୍ୟ ସ୍ୱଷ୍ଟ କରିବା ପାଇଁ ବହୁଦଳୀୟ ପ୍ରତିନିଧି ମଣ୍ଡଳୀ ୩୩ଟି ରାଷ୍ଟ୍ର ଗସ୍ତ କରିଛନ୍ତି ବୋଲି ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି । ନୂଆଦିଲ୍ଲୀଠାରେ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଶ୍ରୀ ଜୟସ୍ୱାଲ କହିଛନ୍ତି ସୀମାପାର ଆତଙ୍କବାଦ ପାଇଁ ଦାୟୀ ରାଷ୍ଟ୍ରଙ୍କୁ ବିଶ୍ୱ ସମ୍ମୁଖକୁ ଆଣିବା ପାଇଁ ଏହି ପ୍ରତିନିଧି ଦଳ କାର୍ଯ୍ୟ କରିବେ ।

## ମୁଖ୍ୟମନ୍ତ୍ରୀ– ପ୍ରକଳ୍ପ ଉଦ୍‌ଘାଟନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଯାଜପୁର ଜିଲ୍ଲାର କଳିଙ୍ଗ ନଗରଠାରେ ୧ ଲକ୍ଷ ୧୫ ହଜାର କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ନୂତନ ପ୍ରକଳ୍ପ ଗୁଡ଼ିକ ସମୃଦ୍ଧ ଓଡ଼ିଶାର ଭବିଷ୍ୟତ ନିର୍ମାଣରେ ସହାୟକ ହେବ । ଏହିସବୁ ପ୍ରକଳ୍ପ ଯୋଗୁଁ ୩୬ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ମୁଖ୍ୟମନ୍ତ୍ରୀ କହିଛନ୍ତି ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭରେ ସ୍ୱାକ୍ଷରିତ ହୋଇଥିବା ପ୍ରକଳ୍ପ ଗୁଡ଼ିକର ଆଜି ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି ।

**- V/O -**

ସୂଚନା ଅନୁସାରେ ମୁଖ୍ୟମନ୍ତ୍ରୀ ଆଜି ୬୬ହଜାର କୋଟି ଟଙ୍କାର ୨୦ଟି ପ୍ରକଳ୍ପର ଶିଳାନ୍ୟାସ ଏବଂ ୪୯ହଜାର କୋଟି ଟଙ୍କାର ୪ଟି ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି ।

କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସମବାୟ, ହସ୍ତତନ୍ତ, ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ସାଂସଦ ରବିନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ରାସନକାର୍ଡ ବଣ୍ଟନ

କଳାହାଣ୍ଡି ଜିଲ୍ଲା ଭବାନୀପାଟଣାଠାରେ ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଜି ୬୮ଜଣ ହିତାଧିକାରୀଙ୍କୁ ରାସନକାର୍ଡ ପ୍ରଦାନ କରିଛନ୍ତି । ବର୍ତ୍ତମାନ ରାଜ୍ୟରେ ୬ଲକ୍ଷ ରାସନ କାର୍ଡ ବଣ୍ଟନ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବାବେଳେ ଆଗାମୀ ଦିନରେ ୨୦ଲକ୍ଷ ନୂତନ ରାସନ କାର୍ଡ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି ।

ସେହିପରି ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି, ଚଳିତ ରବି ଋତୁରେ ସମସ୍ତ ଚାଷୀଙ୍କୁ ଧାନ କ୍ୱିଣ୍ଟାଲ ପିଛା ୩ହଜାର ୧୦୦ ଟଙ୍କା ଦିଆଯିବ । କୌଣସି ମଣ୍ଡିରେ ଧାନ କଟ୍‌ନୀ ଛଟନୀ ହେବ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି । ନିର୍ଦ୍ଦେଶର ଅବମାନନା କଲେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଯୋଗାଣମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ।

# ଜୈବ ବିବିଧତା ଦିବସ

ପ୍ରାକୃତିକ ବିପର୍ଯ୍ୟୟ, ଦ୍ରୁତ ଶିଳ୍ପାୟନ, ସହରୀକରଣ, ଖଣିଖନନ, ଜଙ୍ଗଲରେ ନିଆଁ ଲାଗିବା ଯୋଗୁଁ ହେଉଥିବା ଜଙ୍ଗଲର ବିନାଶ ଏବଂ ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ସମ୍ବନ୍ଧରେ ସଚେତନତା ସୃଷ୍ଟି ପାଇଁ ବିଶ୍ୱରେ ଆଜି ଜୈବ ବିବିଧତା ଦିବସ ପାଳନ କରାଯାଉଛି । ଚଳିତବର୍ଷ ବିଶ୍ୱ ଜୈବ ବିବିଧତା ଦିବସର ବାର୍ତ୍ତା ରହିଛି ‘ନିରନ୍ତର ବିକାଶ ଲକ୍ଷ୍ୟ ପାଇଁ ପ୍ରକୃତି ସହ ସମନ୍ୱୟ ବଜାୟ ରଖିବା’ । ମିଳିତ ଜାତିସଂଘ ପକ୍ଷରୁ ୨୦୦୬ମସିହାରୁ ଆଜିର ଦିନକୁ ଆନ୍ତର୍ଜାତିୟ ଜୈବ ବିବିଧତା ଦିବସଭାବେ ପାଳନ କରାଯାଉଛି ।

ଜମି, ଜଳ, ଜୀବ ଏବଂ ଜଙ୍ଗଲ ସମେତ ପ୍ରାକୃତିକ ସମ୍ପଦର ଦାୟିତ୍ୱପୂର୍ଣ୍ଣ ବ୍ୟବହାରକୁ ପ୍ରୋତ୍ସାହିତ କରିବା ସହ ଭବିଷ୍ୟତ ପୀଢ଼ି ପାଇଁ ସେମାନଙ୍କର ଉପଲବ୍ଧତାକୁ ସୁନିଶ୍ଚିତ କରିବାକୁ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂହ ଖୁଣ୍ଟିଆ ଆହ୍ୱାନ ଦେଇଛନ୍ତି । ଭୁବନେଶ୍ୱରସ୍ଥିତ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ରାଜ୍ୟ ଜୈବ ବିବିଧତା ବୋର୍ଡ ପକ୍ଷରୁ ଆୟୋଜିତ ଜୈବ ବିବିଧତା ଦିବସ ପାଳନ କାର୍ଯ୍ୟକ୍ରମରେ ଶ୍ରୀ ଖୁଣ୍ଟିଆ କହିଛନ୍ତି ବିସ୍ତୃତ ଜୈବ ବିବିଧତାକୁ ସଂରକ୍ଷଣ କରିବା ଏବଂ ସ୍ଥାୟୀ ଏବଂ ପୋଷଣୀୟ ଭାବରେ ବ୍ୟବହାର କରିବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ । ଏକ ସୁସ୍ଥ ପୃଥିବୀ ସୁନିଶ୍ଚିତ

କରିବା ପାଇଁ ପ୍ରକୃତି ସହିତ ସ୍ଥାୟୀ ଏବଂ ସୁ-ସଂହତ ସମ୍ପର୍କ ସୃଷ୍ଟି ଜରୁରୀ ବୋଲି ଶ୍ରୀ ଖୁଣ୍ଟିଆ କହିଛନ୍ତି ।

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଜୈବ ବିବିଧତା ଦିବସ ଉପଲକ୍ଷେ ସଚେତନତା ମୂଳକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଯାଇଛି ।

## ପ୍ଲାଷ୍ଟିକ ପ୍ରଦୂଷଣ

ପରିବେଶ ଅନୁକୂଳ ଏବଂ ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଦେଶବ୍ୟାପୀ ସଚେତନତା କାର୍ଯ୍ୟକ୍ରମ ଆଜିଠାରୁ ଆରମ୍ଭ କରାଯାଇଛି । 'ଗୋଟିଏ ଦେଶ, ଗୋଟିଏ ମିଶନ-ଶେଷ ହେବ, ପ୍ଲାଷ୍ଟିକ ପ୍ରଦୂଷଣ' ଶୀର୍ଷକ ଅଭିଯାନ ସମଗ୍ର ଦେଶରେ ଆରମ୍ଭ କରାଯାଇଛି । ମିଶନ ଲାଇଫ୍ ଅଧୀନରେ ପ୍ଲାଷ୍ଟିକର ପରିବେଶ ଅନୁକୂଳ ଓ ବିକଳ୍ପ ସମ୍ପର୍କରେ ବାର୍ତ୍ତା ନେଇ ଏହି ଅଭିଯାନ ଲୋକଙ୍କୁ ସଚେତନ କରାଇବ ବୋଲି କେନ୍ଦ୍ରମନ୍ତ୍ରୀ ଭୁପେନ୍ଦର ଯାଦବ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି ।

ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ ପ୍ଲାଷ୍ଟିକ ପ୍ରଦୂଷଣ ବନ୍ଦ କରିବାକୁ ସଚେତନତା କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି । ପ୍ରତ୍ୟେକ ବ୍ୟକ୍ତି ପରିବେଶ ଅନୁକୂଳ ଅଭ୍ୟାସ କରିବା ପାଇଁ ଏହି କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ କରାଯାଇଥିଲା ।

## କରୋନା ଭୂତାଣୁ ଚିହ୍ନଟ

ରାଜ୍ୟରେ ଜଣେ ନୂତନ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହେବା ପରେ ସ୍ୱାସ୍ଥ୍ୟ ବିଭାଗର ଶାସନ ସଚିବ ଅଶ୍ୱତୀ ଏସ୍ ଜନସାଧାରଣଙ୍କୁ ଭୟଭୀତ ନହେବା ପାଇଁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ସରକାର କୋଭିଡ ଘଟଣା ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି ଏବଂ ଯେକୌଣସି ସ୍ଥିତିର ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ଟୀକାକରଣ ଏବଂ ନିରନ୍ତର ସରକାରୀ ପଦକ୍ଷେପ ପାଇଁ ରାଜ୍ୟରେ କୋଭିଡ ସମ୍ପୂର୍ଣ୍ଣଭାବେ ନିୟନ୍ତ୍ରଣାଧୀନ ରହିଛି ବୋଲି ସ୍ୱାସ୍ଥ୍ୟସଚିବ କହିଛନ୍ତି ।

## ରଥଯାତ୍ରା-ମକ୍ଡ୍ରିଲ

ରଥଯାତ୍ରାକୁ ନେଇ ପୁରୀ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଜି ମକ୍ଡ୍ରିଲ ଅନୁଷ୍ଠିତ ହୋଇଯାଇଛି । ରଥଯାତ୍ରା ସମୟରେ ଭିଡ଼ ଭିତରୁ ଅସୁସ୍ଥଙ୍କୁ ଉଦ୍ଧାର, ସମୁଦ୍ରରେ ବୁଡ଼ିଯାଉଥିବା ପର୍ଯ୍ୟଟକଙ୍କୁ ଉଦ୍ଧାର, ନିଆଁରେ ପୋଡ଼ିଯାଉଥିବା ଲୋକଙ୍କୁ ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲ ନିଆଯାଇ କିଭଳି ତ୍ୱରିତ ସେବା ଦିଆଯିବ ସେ ନେଇ ମକ୍ଡ୍ରିଲ କରାଯାଇଛି । ମକ୍ଡ୍ରିଲ ସମୟରେ ସଦର ମୁଖ୍ୟ ଚିକିତ୍ସାଳୟର ଡାକ୍ତରମାନେ ଉପସ୍ଥିତ ରହି ଏହାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ।

## ବାଲ୍ୟବିବାହ

ରାୟଗଡା ଜିଲ୍ଲାର କୋଲନରା ବ୍ଲକଠାରେ ବାଲ୍ୟବିବାହ ନିରାକରଣ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବାଲ୍ୟବିବାହ ରୋକିବା ପାଇଁ ସରକାରଙ୍କ

ପକ୍ଷରୁ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଯୋଜନା ଏବଂ ଆଇନ୍ ସମ୍ପର୍କରେ ଆଲୋଚନା କରାଯାଇଥିଲା ।

## ଓଏସ୍ଏସ୍ସିର ନୂଆ ଅଧ୍ୟକ୍ଷ

ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ-ଓଏସ୍ଏସ୍ସିର ନୂଆ ଅଧ୍ୟକ୍ଷ ଭାବେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ସୁଧାକର ବୁର୍ଗୀଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ଓଏସ୍ଏସ୍ସିର ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଆଇଏଏସ୍ ସୁଧାକର ବୁର୍ଗୀ ନିଜର ଦାୟିତ୍ୱ ସମ୍ପାଦନ କରିବେ । ସୂଚନାଯୋଗ୍ୟ ପୂର୍ବତନ ଡିଜିପି ଅଭୟଙ୍କ ଓଏସ୍ଏସ୍ସି ଅଧ୍ୟକ୍ଷ ପଦରୁ ଇସ୍ତଫା ପରେ ଶ୍ରୀ ବୁର୍ଗୀଙ୍କୁ ଏହି ଦାୟିତ୍ୱ ଦିଆଯାଇଛି ।

## ପାଣିପାଗ

ରାଜ୍ୟରେ କାଳବୈଶାଖୀ ଜନିତ ବର୍ଷା ପ୍ରଭାବରେ ତାପମାତ୍ରା ସାମାନ୍ୟ ହ୍ରାସ ପାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ବର୍ଷା ଲାଗିରହିବା ନେଇ ଅନୁମାନ କରାଯାଇଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୨୬ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।